
# ସତ୍ୟବାଣୀ

# THE VOICE OF TRUTH

**Nov & Dec, 1998**



AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth

**CHURCH OF CHRIST**
**P.O. Box No. 80, KAKINADA,**
**A.P. - 533 001**
**Ph. 0884 - 63722**

**Vol. 3 Nov & Dec, 1998 No. 6**

Published every two months in Oriya Language for the Restoration of pure New Testament Christianity

FREE! FREE!! FREE!!

Study the Bible in the quiet of your own home. Enroll yourself in the **BASIC BIBLE COURSE** in Oriya language. Complete the course and obtain a copy of Oriya Holy Bible obsolutely free! Send your address today to:

**THE DIRECTOR**
**BIBLE CORRESPONDENCE COURSE**
**P.O. Box. 80, KAKINADA - 533 001.**

ସତ୍ୟବାଣୀ
# VOICE OF TRUTH

Vol-II KAKINADA NOV. - DEC.

## ବାକ୍ୟ ଧ୍ୟାନ
## ( Bible Study )

ନୂତନ ନିୟମର ଉପାସନା ପଦ୍ଧତିର ୪ଟି ଭାଗରୁ ବାକ୍ୟ ଧ୍ୟାନ ଅନ୍ୟତମ । ବାକ୍ୟଧ୍ୟାନ କରିବା ନିମନ୍ତେ ଆମ୍ଭେମାନେ ଆଜ୍ଞାପିତ ହେବା ସଙ୍ଗେ ସଙ୍ଗେ, ଆଦିମ ଖ୍ରୀଷ୍ଟିୟାନମାନେ ବାକ୍ୟଧ୍ୟାନ କରିବା ନିମନ୍ତେ ଏକତ୍ରିତ ହେବାର ଉଦାହରଣ ଆମ୍ଭେମାନେ ବାକ୍ୟରେ ପଢ଼ିପାରୁଥାଉଁ ।

ବ୍ୟକ୍ତିଗତ ବାକ୍ୟଧ୍ୟାନ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଆପଣା ସମୟ ସୁବିଧାନୁଯାୟୀ କରିଥାନ୍ତି କିନ୍ତୁ ସପ୍ତାହର ପ୍ରଥମ ଦିନରେ ସମ୍ମିଳିତ ଭାବେ ବାକ୍ୟଧ୍ୟାନ କରିବା ଉପାସନା କରିବା ପଦ୍ଧତିର ଏକ ମୁଖ୍ୟ ଅଂଶ । ଏହିପରି ଭାବେ ପ୍ରଭୁ ଆମ୍ଭମାନଙ୍କ ସହିତ କଥା କହନ୍ତି ।

ବାଇବଲର ବାକ୍ୟ ନିଜେ ପଢ଼ିବା ଦ୍ୱାରା ତଥା ପ୍ରଚାରିତ ବାକ୍ୟ ଶ୍ରବଣ କରିବା ଦ୍ୱାରା ଆମ୍ଭେମାନେ ବାକ୍ୟଧ୍ୟାନ କରିଥାଉଁ ବେରୋୟାସ୍ଥିତ ଖ୍ରୀଷ୍ଟିୟାନ ମାନଙ୍କୁ ପ୍ରେରିତ ପାଉଲ ବାକ୍ୟ ପ୍ରଚାର ଘଟଣା ଆମ୍ଭେମାନେ ପ୍ରେରିତ ୧୭ : ୧୦-୧୨ ପଦରେ କୁହାଯାଏ । 'ପୁଣି ଭାଇମାନେ ଅବିଳମ୍ବରେ ପାଉଲ ଓ ଶୀଲଙ୍କୁ ରାତ୍ରି କାଳରେ

ବେରସ୍ୱାକୁ ପଠାଇ ଦେଲେ, ସେମାନେ ସେହି ସ୍ଥାନରେ ପହଞ୍ଚି ଯିହୂଦୀମାନଙ୍କ ସମାଜ ଗୃହକୁ ଗଲେ । ଥେସଲନୀକୀରେ ଥିବା ଯିହୂଦୀମାନଙ୍କ ଠାରୁ ଏମାନେ ସୁଶୀଳ ଥିଲେ । ଏମାନେ ପୂର୍ଣ୍ଣ ଆଗ୍ରହରେ ବାକ୍ୟ ଗ୍ରହଣ କଲେ, ପୁଣି ଏହି ସମସ୍ତ ସତ୍ୟ କି ନା, ତାହା ଜାଣିବା ନିମନ୍ତେ ପ୍ରତିଦିନ ଶାସ୍ତ୍ର ଅନୁସନ୍ଧାନ କରୁଥିଲେ । ତେଣୁ ସେମାନଙ୍କ ମଧ୍ୟରୁ ଅନେକେ ଓ ଗ୍ରୀକ୍ ମାନଙ୍କ ମଧ୍ୟରୁ ଅନେକ ସମ୍ଭ୍ରାନ୍ତ ମହିଳା ଓ ପୁରୁଷ ମଧ୍ୟ ବିଶ୍ୱାସ କଲେ । ଖ୍ରୀଷ୍ଟ କହିଲେ 'ତୁମ୍ଭେମାନେ ଧର୍ମଶାସ୍ତ୍ର ଅନୁସନ୍ଧାନ କରୁଅଛ, କାରଣ ସେଥିରେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛ ବୋଲି ମନେ କରୁଅଛ, ଆଉ ସେହି ଧର୍ମଶାସ୍ତ୍ର ମୋ ବିଷୟରେ ସାକ୍ଷ୍ୟ ଦେଉଅଛି ।' (ଯୋହନ ୫ : ୩୯) ।

ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ଉତ୍ସାହିତ କରି କହନ୍ତି । 'ସତ୍ୟ ବାକ୍ୟ ଯଥାର୍ଥ ରୂପେ ବ୍ୟବହାର କର, ଯେଉଁ କାର୍ଯ୍ୟକାରୀର ଲଜ୍ଜା ବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର । (୨ ତୀମଥି ୨ ୧୫ ) । ଖ୍ରୀଷ୍ଟ କହନ୍ତି 'ଧାର୍ମିକତା ନିମନ୍ତେ କ୍ଷୁଧିତ ଓ ତୃଷିତ ଲୋକେ ଧନ୍ୟ, କାରଣ ସେମାନେ ପରିତୃପ୍ତ ହେବେ ।' (ମାଥିଉ ୫ : ୬ ) । '... ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ ।' ( ମାଥିଉ ୪ : ୪ ) । ବିଶ୍ୱାସ ଶ୍ରବଣରୁ ଜାତହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।' (ରୋମୀୟ ୧୦ . ୧୭ ତେଣୁ କରି ଆମ୍ଭେମାନେ ସତ୍ୟ ବାକ୍ୟ ଶ୍ରବଣ କରିବା ଅତ୍ୟାବଶ୍ୟକ ।

ଈଶ୍ୱର ଆମ୍ଭମାନଙ୍କ ସହିତ ଆପଣା ଅଦ୍ୱିତୀୟ ପୁତ୍ରଙ୍କ ଦ୍ୱାରା କହନ୍ତି । ( ଏବ୍ରୀ ୧ : ୧, ୨ ) । ଖ୍ରୀଷ୍ଟ ରୂପାନ୍ତରିତ ହେବା ସମୟରେ ପିତା ଈଶ୍ୱର କହିଲେ । '.... ଏ ଆମ୍ଭର ପ୍ରିୟ ପୁତ୍ର ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ । ଏହାଙ୍କ ବାକ୍ୟ ଶ୍ରବଣ

କର ।' ( ମାଥିଉ ୧୭ : ୫ ) । 'ଯୀଶୁ ତାଙ୍କୁ ଉତ୍ତର ଦେଲେ । ଯଦି କେହି ମୋତେ ପ୍ରେମ କରେ, ତାହା ହେଲେ ସେ ମୋହର ବାକ୍ୟ ପାଳନ କରିବ, ପୁଣି ମୋହର ପିତା ତାହାକୁ ପ୍ରେମ କରିବେ ଆଉ ଆମ୍ଭେମାନେ ତାହା ନିକଟକୁ ଆସି ତାହା ସହିତ ବାସକରିବା । ଯେ ମୋତେ ପ୍ରେମ କରେ ନାହିଁ ସେ ମୋହର ବାକ୍ୟ ପାଳନ କରେ ନାହିଁ, ଆଉ ଯେଉଁ ବାକ୍ୟ ତୁମ୍ଭେମାନେ ଶୁଣୁଅଛ ତାହା ମୋହର ନୁହେଁ, ମୋହର ପ୍ରେରଣ କର୍ତ୍ତା ପିତାଙ୍କର ।' (ଯୋହନ ୧୪ : ୨୧, ୨୪ ) । ଯେଉଁତ ଯୋହନଙ୍କ ଅନୁଯାୟୀ, ଯୀଶୁ ଶିଷ୍ୟ-ମାନଙ୍କ ସାକ୍ଷାତରେ ଏହିପରି ଅନେକ ଓ ଭିନ୍ନ ପ୍ରକାର ଆଶ୍ଚର୍ଯ୍ୟ କର୍ମ ସାଧନ କଲେ, ସେହିସବୁ ଏହି ପୁସ୍ତକରେ ଲେଖା ହୋଇ ନାହିଁ, କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତହୁଅ । ଏଥି ନିମନ୍ତେ ଏ ସମସ୍ତ ଲେଖା ଯାଇ-ଅଛି ।' ( ଯୋହନ ୨୦ : ୩୦, ୩୧ ) । ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ, ଏଥି-ନିମନ୍ତେ ସ୍ୱାଧୀନତାର ବ୍ୟବସ୍ଥା ଦତ୍ତ ହୋଇଅଛି । ( ୨ ତୀମଥି ୩ : ୧୬, ୧୭, ଓ ଯାକୁବ ୧ : ୨୫ ) ।

ଉପରୋକ୍ତ ବାକ୍ୟଗୁଡ଼ିକରୁ ତାହାଙ୍କ ବାକ୍ୟ ଧ୍ୟାନ କରିବା ନିମନ୍ତେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ପ୍ରତି ପ୍ରଭୁଙ୍କ ନିକଟରେ କାହିଁକି ଏକ-ନିତ ହେବା ଆବଶ୍ୟକ ଜାଣିପାରୁ :—

ଆମ୍ଭେମାନେ ବାଇବଲର ବାକ୍ୟ ଧ୍ୟାନ କରିବା ଆବଶ୍ୟକ କାରଣ ତାହା ଈଶ୍ୱରଙ୍କ ବାକ୍ୟ । ଅଶ୍ଚର୍ଯ୍ୟ-ମୟ ପ୍ରେମମୟ ପରମେଶ୍ୱର ଆମ୍ଭମାନଙ୍କ ଅଜ୍ଞାନତାର ଅନ୍ଧକାରରେ ପରିତ୍ୟାଗ ନ କରି ତାହାଙ୍କ ବାକ୍ୟ ଆମ୍ଭମାନଙ୍କ ନିକଟରେ ପ୍ରକାଶିତ କରିଅଛନ୍ତି ।

ତାହାଙ୍କ ବାକ୍ୟ ଧ୍ୟାନ କରି ତାଙ୍କ ଇଚ୍ଛା ଜାଣି ପାରିବା । ଆମ୍ଭେମାନେ ଯେପରି ଭ୍ରାନ୍ତ ନ ହେଉଁ, ଏଥି ନିମନ୍ତେ ତାହାଙ୍କ ବାକ୍ୟ ଧ୍ୟାନ କରିବା ଆବଶ୍ୟକ । ଆଜିର ଖ୍ରୀଷ୍ଟିୟାନ ଜଗତରେ ଅନେକ ଶିକ୍ଷକ ବିଭିନ୍ନ ଶିକ୍ଷା ଦେଉ ଅଛନ୍ତି । ପ୍ରଚାରିତ ହେଉଥିବା ବାକ୍ୟ ସତ୍ୟ କି ନା, ବାଇବଲର ବାକ୍ୟ ତୁଳନା କରିବା ଦ୍ୱାରା ଜାଣି ପାରିବା । ପ୍ରେରିତ ଯୋହନ ସତର୍କ କରି କହନ୍ତି, 'ହେ ପ୍ରିୟମାନେ ପ୍ରତ୍ୟେକ ଆତ୍ମାକୁ ବିଶ୍ୱାସ କର ନାହିଁ, ବରଂ ଆତ୍ମାମାନେ ଈଶ୍ୱରଙ୍କ ଆଗତ କି ନାହିଁ, ଏହା ସେମାନଙ୍କୁ ପରୀକ୍ଷା କରି ଦେଖ, କାରଣ ଜଗତରେ ଅନେକ ଭଣ୍ଡ ଭାବବାଦୀ ବାହାରି ଅଛନ୍ତି । ( ଯୋହନ ୪ : ୧ ) । ଈଶ୍ୱରଙ୍କ ବାକ୍ୟ ଧ୍ୟାନକାରୀମାନେ ଭଣ୍ଡ ଭବାବାଦୀମାନଙ୍କ ଦ୍ୱାରା ଭ୍ରାନ୍ତ ହେବା ଅସମ୍ଭବ ।

ବାକ୍ୟ ଧ୍ୟାନ କରିବା ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ବିଷୟରେ ଅନ୍ୟମାନଙ୍କୁ ଶିକ୍ଷା ଦେବା ନିମନ୍ତେ ସତ୍ୟଜ୍ଞାନ ଲାଭ କରି-ପାରୁ । 'ଆପଣା ବିଷୟରେ ଆପଣା ଶିକ୍ଷା ବିଷୟରେ ସତର୍କ ହୁଅ । ଏହି ସମସ୍ତ ବିଷୟରେ ଲାଗିରୁହ, କାରଣ ତାହା କଲେ ତୁମ୍ଭେ ଆପଣା ପରିତ୍ରାଣ ଓ ତୁମ୍ଭର ଶ୍ରୋତାମାନଙ୍କର ପରିତ୍ରାଣ ସାଧନ କରିବ । ( ୧ମ ତୀମଥି ୪ : ୧୬ ) । ଆଦିମ ଖ୍ରୀଷ୍ଟିୟାନ ମାନଙ୍କ ବିଷୟରେ ଲେଖାଯାଏ, 'ସେଥିରେ ଯେଉଁମାନେ ଛିନ୍ନଭିନ୍ନ ହୋଇ-ଥିଲେ, ସେମାନେ ଚତୁର୍ଦ୍ଦିଗରେ ଭ୍ରମଣ କରୁ କରୁ ସୁସମାଚାରର ବାକ୍ୟ ପ୍ରଚାର କଲେ । ( ପ୍ରେରିତ ୮ : ୪ ) ।

ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ କହନ୍ତି 'ସତ୍ୟ ବାକ୍ୟ ଯଥାର୍ଥ ରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜା ବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣା ପରୀକ୍ଷା ସିଦ୍ଧ ଦେଖାଇବାକୁ ଯତ୍ନ କର । ( ୨ୟ ତୀମଥି ୨ : ୧୫ ) । ସତ୍ୟବାକ୍ୟ ଅର୍ଥାତ୍ ବାଇବଲକୁ ଦୁଇ ପ୍ରଧାନ ଭାଗରେ ବିଭକ୍ତ କରାଯାଏ । କୁଳପତିମାନଙ୍କ ଯୁଗ ଓ ମୋଶାଙ୍କ ଯୁଗରେ

ଇତିହାସର ପୁସ୍ତକଗୁଡ଼ିକର ସମଷ୍ଟି ପ୍ରଥମ ଭାଗ ପୁରାତନ ନିୟମ ନାମରେ ପରିଚିତ । ଖ୍ରୀଷ୍ଟଙ୍କ ନିୟମାବଳୀ ଦ୍ୱାରା ନୂତନ ନିୟମ ଗଠିତ ଖ୍ରୀଷ୍ଟଙ୍କ ମୃତ୍ୟୁରେ ପୂର୍ବରେ ଥିବା ସମସ୍ତ ପୁରାତନ ନିୟମ ଓ ଖ୍ରୀଷ୍ଟଙ୍କ ମୃତ୍ୟୁ ପରବର୍ତ୍ତୀ ସମସ୍ତ ନୂତନ ନିୟମ । ତେବେ ଆମ୍ଭେମାନେ କେଉଁ କେଉଁ କେଉଁ ନିୟମାଧିନ ଅଟୁଁ ? ଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି ଓ ଉତ୍‌ଥାନର ପରବର୍ତ୍ତୀ ସମୟରେ ଜାତ ପ୍ରତ୍ୟେକ ମନୁଷ୍ୟ ନୂତନ ନିୟମାଧିନ ଅଟନ୍ତି ବୋଲି ଏବ୍ରୀ ୯ : ୧୭, ୧୨ ଓ ୧୦ : ୯ ପଦଗୁଡିକରୁ ସ୍ପଷ୍ଟ ହୁଏ ।

ତେବେ ପ୍ରଶ୍ନ ଉଠେ, ଯଦି ଆମ୍ଭେମାନେ ପୁରାତନ ନିୟମାଧିନ ନୋହୁଁ, ତେବେ କାହିଁକି ପୁରାତନ ନିୟମ ଧ୍ୟାନ କରୁ ? କାରଣ :—

ସୃଷ୍ଟି ବିଷୟରେ ଜାଣିବା ନିମନ୍ତେ ।

ମନୁଷ୍ୟ ଜାତିର ଇତିହାସ ଏହି ଭାଗରେ ପଢ଼ିପାରୁ ।

'ଏହି ସମସ୍ତ ଦୃଷ୍ଟାନ୍ତ ସ୍ୱରୂପେ ସେମାନଙ୍କ ପ୍ରତି ଘଟିଲା । ଆଉ ଯେଉଁମାନଙ୍କ ସମୟରେ ଯୁଗାନ୍ତକାଳ ଉପସ୍ଥିତ ହୋଇଅଛି, ଏପରି ଯେ ଆମ୍ଭେମାନଙ୍କ ଚେତନା ନିମନ୍ତେ ସେହିସବୁ ଲେଖାଯାଇଅଛି । ( ୧ମ କରିନ୍ଥୀ ୧୦ : ୧୧ ) ।

ଚିରନ୍ତନ ସତ୍ୟ ନିୟମାବଳୀର ଅନ୍ତ ହୁଏନାହିଁ ।

ପୁରାତନ ନିୟମ ଧ୍ୟାନ କରିବା ଦ୍ୱାରା ଆମ୍ଭେମାନେ ଉତ୍କୃଷ୍ଟତର ନିୟମାଧିନ ଅଟୁ ବୋଲି ଜାଣିପାରୁ ।

## ବାକ୍ୟ ଧ୍ୟାନ ନିମନ୍ତେ କେତୋଟି ନିୟମାବଳୀ :—

ନିର୍ଦ୍ଦିଷ୍ଟ ବାକ୍ୟ ବାରମ୍ବାର ପଢନ୍ତୁ ।

କିଏ ବକ୍ତା ଅଟନ୍ତି ?

କାହାକୁ କୁହାଯାଇ ଅଛି ?

କେବେ କୁହାଯାଇ ଥିଲ ?

ରୂପକ ଭାଷା କିଅବା ଆକ୍ଷରିକ ଭାଷା ବ୍ୟବହୃତ କୁହାଯାଇ ଅଛୁ ?

ଏହା କି ଏକ ଆଜ୍ଞା ?

ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ତାହା ଆବଶ୍ୟକ କି ?

ଏହି ସବୁ ବିଷୟରେ ଧ୍ୟାନ ଦେଇ ବାକ୍ୟ ପଢ଼ିବା ଦ୍ୱାରା ଆମ୍ଭମାନେ ସତ୍ୟବାକ୍ୟ ଜ୍ଞାନରେ ବୃଦ୍ଧି ପାଇ ପ୍ରକୃତ ଖ୍ରୀଷ୍ଟିୟାନ ରୂପେ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ସୁସମାଚାର ସୁନ୍ଦର ଭାବେ ଶିକ୍ଷା ଦେଇ ପାରିବା । ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କ ଆତ୍ମାର ତ୍ରାଣ ଦାୟକ ଏବଂ ତାହା ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ଏକତା ଲାଭ କରିବାରେ ସାହାଯ୍ୟ କରେ ।

—J. C. Choate

—o—

# ଯୀଶୁ କିଏ ?

## ( Who is Jesus )

ଯୀଶୁଖ୍ରୀଷ୍ଟଙ୍କ ଜନ୍ମାବଧି ଏହି ପ୍ରଶ୍ନ ମନୁଷ୍ୟ ଜାତିକୁ ଆନ୍ଦୋଳିତ କରି ଆସୁଅଛି । ସେ ଜଣେ କେବଳ ମନୁଷ୍ୟ ମାତ୍ର ଥିଲେ କିଅବା ଜଗତର ଉଦ୍ଧାର କର୍ତ୍ତା ଅଟନ୍ତି ବାଇବଲର ବାକ୍ୟ ବିଶ୍ଳେଷଣ କରି ଜାଣି ପାରିବା ।

ସର୍ବପ୍ରଥମେ ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ରୂପେ ବାଇବଲରେ ଉଲ୍ଲେଖିତ କରାଯାଏ । ଯିଶାଇୟ ଭବିଷ୍ୟଦବକ୍ତା ଆପଣା ଲିଖିତପୁସ୍ତକର ୯ : ୬-୭ ପଦଗୁଡ଼ିକରେ ତାହାଙ୍କୁ 'ପରାକ୍ରମୀ ଈଶ୍ୱର' ରୂପେ ବର୍ଣ୍ଣନା କରନ୍ତି । ବାକ୍ୟ ରୂପୀ ଈଶ୍ୱର ଦେହବନ୍ତ ହୋଇ ଆମ୍ଭମାନଙ୍କ ମଧ୍ୟରେ ବାସକଲେ ଯୋହନ ୧ : ୧-୩, ୧୪ ପଦଗୁଡ଼ିକରେ ପଢ଼ି-ପାରୁ । ଏବ୍ରୀ ପୁସ୍ତକକର୍ତ୍ତାଙ୍କ ଭାଷାରେ 'ଅନ୍ୟ ପକ୍ଷରେ ସେ ପୁତ୍ରଙ୍କ ବିଷୟରେ କହନ୍ତି, ହେ ଈଶ୍ୱର, ତୁମ୍ଭର ସିଂହାସନ ଅନନ୍ତକାଳ ସ୍ଥାୟୀ ପୁଣି ନ୍ୟାୟର ଦଣ୍ଡ ତୁମ୍ଭର ରାଜଦଣ୍ଡ ଅଟେ ।

ଦ୍ୱିତୀୟରେ, ଈଶ୍ୱର ବ୍ୟତୀତ ଆଉ କାହାକୁ ସୃଷ୍ଟି କରିବାରେ ଶକ୍ତି ଅଛି ? ଯୋହନ ୧ : ୧-୩ ପଦଗୁଡ଼ିକରେ ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟି ହେଲ ବୋଲି ଜାଣିପାରୁ । ମାଥିଉ ୪ ୧୦, ପ୍ରକାଶିତ ୧୯ : ୧୦, ୨୨ : ୯ ପଦଗୁଡ଼ିକରେ ଈଶ୍ୱର ଉପାସନା ଯୋଗ୍ୟ ବୋଲି ଜାଣିପାରୁ । ମାଥିଉ ୮ : ୨ ପଦରେ ଯୀଶୁଖ୍ରୀଷ୍ଟ ଉପାସିତ ହେବା ପଢ଼ିପାରୁ । ଏହି ପଦଗୁଡ଼ିକ ଯୀଶୁଖ୍ରୀଷ୍ଟ ଉପାସିତ ଯୋଗ୍ୟ ଈଶ୍ୱର ସପ୍ରମାଣ କଲେ । ଯୀଶୁଖ୍ରୀଷ୍ଟ ଅନନ୍ତ ଜୀବ, ସୃଷ୍ଟିକର୍ତ୍ତା ଅଟନ୍ତି । ଜୀବନ୍ତ ପରମେଶ୍ୱର ଅଟନ୍ତି, ଯାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟି ହେଲ ।

କଲସୀ ପତ୍ରିକାରେ ଯୀଶୁଖ୍ରୀଷ୍ଟଙ୍କ ମହାନତା ଓ ଦୈବିକତା ବର୍ଣ୍ଣନା କରାଯାଏ । ( କଲସୀ ୧ : ୧୩-୨୦ ) । ଫିଲିପ ୨ : ୯-୧୧ ପଦଗୁଡ଼ିକରେ ପାଉଲ କହନ୍ତି, 'ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରି ଅଛନ୍ତି, ପୁଣି ସମସ୍ତ ନାମ ଅପେକ୍ଷା ସର୍ବୋ-କୃତ ନାମ ତାହାଙ୍କୁ ପ୍ରଦାନ କରି ଅଛନ୍ତି, ଯେପରି ସ୍ୱର୍ଗ, ମର୍ତ୍ତ୍ୟ, ଓ ପାତାଳରେ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତ ହେବ । ପୁଣି ପିତା ଈଶ୍ୱରଙ୍କ ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁଖ୍ରୀଷ୍ଟ ପ୍ରଭୁ ବୋଲି ସ୍ୱୀକାର କରିବ ।' ଦୂତମାନଙ୍କ ତଥା ଭବବାଦୀମାନଙ୍କ ଠାରୁ ଉତ୍କୃଷ୍ଟତର ସମ୍ମାନର ଅଧିକାରୀ ଯୀଶୁଖ୍ରୀଷ୍ଟ ସ୍ୱର୍ଗସ୍ଥ ପିତା ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଅଟନ୍ତି ।

ପାପକ୍ଷମା କରିବା କାହାକୁ ଅଧିକାର ଦିଆଯାଇ ଅଛି ? ଈଶ୍ୱରଙ୍କ ବ୍ୟତୀତ ଏହି ଅଧିକାର କାହାକୁ ଦିଆଯାଏ ନାହିଁ । ଏହି ଜଗତରେ ଯୀଶୁଖ୍ରୀଷ୍ଟ ମନୁଷ୍ୟମାନଙ୍କୁ ପାପକ୍ଷମା କରିବାରେ ଓ ଆଶ୍ଚର୍ଯ୍ୟ କର୍ମ କରିବାରେ ଶକ୍ତିପ୍ରାପ୍ତ ହୋଇଥିଲେ । ଏତଦ୍ୱାରା ପ୍ରଭୁ ଯୀଶୁଙ୍କ ଦୈବତ୍ୱ ପ୍ରମାଣିତ ହୁଏ ।

'ଏଥି ଉତ୍ତାରେ ପରମେଶ୍ୱର କହିଲେ, ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ......' ( ଆଦି ୧ : ୨୬ ) ଏହି ପଦରୁ ଯୀଶୁଖ୍ରୀଷ୍ଟ ପିତା ପରମେଶ୍ୱର ଓ ପବିତ୍ର ଆତ୍ମାଙ୍କ ସହଯୋଗୀ ଅଟନ୍ତି ବୋଲି ଜାଣି ପାରୁ । ପିତା ପରମେଶ୍ୱର, ପୁତ୍ର ଯୀଶୁଖ୍ରୀଷ୍ଟ ଓ ପବିତ୍ର ଆତ୍ମାଙ୍କ ସହଯୋଗରେ ଏହି ସୃଷ୍ଟି ସମ୍ଭବପର ହୋଇଥିଲା । ( ଆଦି ୧ : ୧, ୨ ) ।

ଶେଷରେ ଯୋହନ ୧୦ : ୩୦ ପଦରେ ଯୀଶୁଖ୍ରୀଷ୍ଟ କହନ୍ତି, 'ମୁଁ ଓ ପିତା ଏକ ।' ସେମାନଙ୍କ ସ୍ୱଭାବ, ଉଦ୍ଦେଶ୍ୟ ଓ ଶିକ୍ଷା ପ୍ରତ୍ୟେକ ସ୍ତରରେ ପିତା ଓ ପୁତ୍ର ଏକ ଅଟନ୍ତି । ଥରେ ଫିଲିପ ଯୀଶୁଙ୍କୁ କହିଲେ

..... ପ୍ରଭୋ ଆମ୍ଭମାନଙ୍କୁ ପିତାଙ୍କୁ ଦର୍ଶନ କରାନ୍ତୁ, ତାହା ଆମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ । ଯୀଶୁ ତାହାଙ୍କୁ ଉତ୍ତର ଦେଲେ, ଫିଲିପ ଏତେ କାଳ ମୁଁ ତୁମ୍ଭମାନଙ୍କ ସାଙ୍ଗରେ ଅଛି । ଆଉ ତୁମ୍ଭେ କଅଣ ମୋତେ ଜାଣିଲ ନାହିଁ ? ଯେ ମୋତେ ଦର୍ଶନ କରିଅଛି ସେ ପିତାଙ୍କୁ ଦର୍ଶନ କରିଅଛି । ଆମ୍ଭମାନଙ୍କ ଦର୍ଶନ କରାନ୍ତୁ ବୋଲି ତୁମ୍ଭେ କିପରି କହୁଅଛ ? ( ଯୋହନ ୧୪ : ୮, ୯ ) ପ୍ରେରିତ ପାଉଲ କରନ୍ଥୀ ମଣ୍ଡଳୀକୁ ଲେଖନ୍ତି, ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲ । ତୁମ୍ଭମାନଙ୍କର ସେହିପରି ମନ ହେଉ । ସେ ଈଶ୍ବର ରୂପୀ ହେଲେହେଁ ଈଶ୍ବରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ । ପୁଣି ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ, ହଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ । ( ଫିଲିପ ୨ : ୫-୮ ) ।

ଏହି ଜଗତରେ ଜନ୍ମିଥିବା ଆଉ କୌଣସି ମାନବ ବିଷୟରେ ବାଇବଲରେ ଏହିପରି କୁହାଯାଏ ନାହିଁ । ଜଗତର ପାପ ନିମନ୍ତେ କ୍ରୁଶରେ ମୃତ୍ୟୁ ଭୋଗିବା ସମୟରେ ସେଠାରେ ଉପସ୍ଥିତ ଶତ ସେନାପତି ଯୀଶୁଙ୍କ ବିଷୟରେ କହିଲେ '... ସତ୍ୟ, ଏ ଈଶ୍ବରଙ୍କ ପୁତ୍ର ଥିଲେ ।' ( ମାଥିଉ ୨୭ : ୫୪ ) । ଯୀଶୁଖ୍ରୀଷ୍ଟ କେବଳ ଜଣେ ମନୁଷ୍ୟ କିଅବା ଦୂତ ନୁହନ୍ତି । କିନ୍ତୁ ମନୁଷ୍ୟ ତଥା ଦୂତମାନଙ୍କ ଠାରୁ ଉତ୍କୃଷ୍ଟତର ସମ୍ମାନର ଅଧିକାରୀ ପରମେଶ୍ବରଙ୍କ ଅଦ୍ୱିତୀୟ ପୁତ୍ର ଅଟନ୍ତି ବୋଲି ଏହି ପଦଗୁଡ଼ିକରୁ ଜାଣିପାରୁ ।

ଏହି ପୁସ୍ତକରେ ପୁରାତନ ନିୟମ ଓ ନୂତନ ନିୟମର ପାର୍ଥକ୍ୟ ବିଷୟରେ କୁହାଯାଇ ଅଛି । ଏହି ପୁସ୍ତକ ଯୀଶୁଖ୍ରୀଷ୍ଟଙ୍କୁ ମହିମାନ୍ୱିତ କରେ । ଏହି ପୁସ୍ତକ ପ୍ରଥମ ବାକ୍ୟ କହେ, 'ଈଶ୍ବର ପୂର୍ବ କାଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭବିଷ୍ୟଦ୍‌ବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା ଏହି ଶେଷକାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭମାନଙ୍କୁ କଥା କହିଅଛନ୍ତି, ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ, ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ

ବିଶ୍ୱ ସୃଷ୍ଟି କଲେ । ସେ ତାହାଙ୍କ ମହିମାର ପ୍ରଭା ଓ ତାହାଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତି, ସେ ଆପଣା ଶକ୍ତିଯୁକ୍ତ ବାକ୍ୟ ଦ୍ୱାରା ସମସ୍ତ ବିଷୟ ଧାରଣ କରନ୍ତି, ପୁଣି ପାପ ମାର୍ଜ୍ଜନା କଲା ଉତ୍ତାରେ ଊର୍ଦ୍ଧ୍ୱସ୍ଥ ମହାମହିମାଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରି ଅଛନ୍ତି । ସେ ଯେଉଁ ପରିମାଣରେ ସ୍ୱର୍ଗଦୂତମାନଙ୍କ ଅପେକ୍ଷା ଅତ୍ୟଧିକ ଉତ୍କୃଷ୍ଟ ନାମର ଅଧିକାରୀ ହୋଇ ଅଛନ୍ତି, ସେହି ପରିମାଣରେ ସେ ସମାନଙ୍କ ଠାରୁ ଅତ୍ୟଧିକ ମହାନ ହୋଇ ଅଛନ୍ତି । ( ଏବ୍ରୀ ୧ : ୧-୪ ) ।

ଆତ୍ମୀୟ ସାମ୍ରାଜ୍ୟର ସମ୍ରାଟ ଆମ୍ଭମାନଙ୍କ ମହାଯାଜକ ସମସ୍ତ ମନୁଷ୍ୟ ଓ ଦୂତମାନଙ୍କ ଠାରୁ ଉନ୍ନତ ଯୀଶୁଖ୍ରୀଷ୍ଟ ପିତା ପରମେଶ୍ୱରଙ୍କ ଦକ୍ଷିଣପାର୍ଶ୍ୱରେ ବିରାଜମାନ ଅଛନ୍ତି । ତାହାଙ୍କ ବାକ୍ୟ ଅଙ୍ଗୀକାର ହେବା ଦ୍ୱାରା ଆମ୍ଭେମାନେ ସେହି ଆତ୍ମୀ ସାମ୍ରାଜ୍ୟର ଅଧିବାସୀ ହେବାର ସୁଯୋଗ ପାଇ ପାରିବା । ତାହାଙ୍କ ଶରୀରରୂପ ମଣ୍ଡଳୀର ସେ ମସ୍ତକ ସ୍ୱରୂପ ଅଟନ୍ତି । ତାହାଙ୍କ ଶରୀରରୂପ ମଣ୍ଡଳୀର ବିଶ୍ୱସ୍ତ ଜୀବନ ଯାପନ କଲେ ଆମ୍ଭେମାନେ ମୃତ୍ୟୁପରେ ଅନନ୍ତଜୀବନ ତାହାଙ୍କ ସହିତ ବିତାଇବା । ତାହାଙ୍କ ଶରୀରରୂପ ମଣ୍ଡଳୀରେ ପ୍ରବେଶ କରିବା ନିମନ୍ତେ ଆମ୍ଭମାନଙ୍କୁ ତାହାଙ୍କ ବାକ୍ୟ ଶ୍ରବଣ କରି, ମନପରିବର୍ତ୍ତନ କରି, ଯୀଶୁଖ୍ରୀଷ୍ଟଙ୍କୁ ତାହାଙ୍କ ପୁତ୍ର ରୂପେ ସ୍ୱୀକାର କରି ବାପ୍ତିଜିତ ହେବା ଆବଶ୍ୟକ । ଏତଦ୍ୱାରା ଆମ୍ଭେମାନେ ଆମ୍ଭମାନଙ୍କ ପାପରୁ ଧୌତ ହୋଇ ତାହାଙ୍କ ମଣ୍ଡଳୀରେ ସଭ୍ୟ ହୋଇ ପାରିବା । ( ପ୍ରେରିତ ୨ : ୪୧, ୪୭, ୨୦ : ୨୮ ) ।

—Jim Dear Man

—o—

## ପବିତ୍ର ଆତ୍ମା କିପରି ଫଳ ଉତ୍ପନ୍ନ କରନ୍ତି ?
## ( How the Holy Spirit Bears Fruit ? )

ପ୍ରତ୍ୟେକ ଖ୍ରୀଷ୍ଟିୟାନ ପରମେଶ୍ୱରଙ୍କ ନିମନ୍ତେ ଫଳ ଉତ୍ପନ୍ନ କରିବା ଆବଶ୍ୟକ । ଯୀଶୁ କହିଲେ 'ମୋ ଠାରେ ଥିବା ଯେକୌଣସି ଶାଖା ଫଳ ନଫଳେ ତାହା ସେ କାଟି ପକାନ୍ତି । ଆଉ ଯେ କୌଣସି ଶାଖା ଫଳ ଫଳେ, ଅଧିକ ଫଳ ଫଳିବା ନିମନ୍ତେ ସେ ତାହା ପରିଷ୍କାର କରନ୍ତି, ( ଯୋହନ ୧୫ : ୨ ) । ତାହାଙ୍କ ଅନୁଚରମାନେ ତାହାଙ୍କ ନିମନ୍ତେ ଉତ୍ତମ ଫଳ ଉତ୍ପନ୍ନ କରିବା ପ୍ରଭୁଯୀଶୁଖ୍ରୀଷ୍ଟଙ୍କ ଆକାଂକ୍ଷା । ତୁମ୍ଭେମାନେ ପ୍ରଚୁର ଫଳ ଫଳିଲେ, ମୋହର ପିତା ମହିମାନ୍ୱିତ ହେବେ, ଆଉ ତୁମ୍ଭେମାନେ ମୋହର ପ୍ରକୃତ ଶିଷ୍ୟ ହେବ ।' ( ଯୋହନ ୧୫ : ୮ ) ।

ଗାଲାତି ୫ : ୨୨, ୨୩ ପଦରେ ପାଉଲ ଲେଖନ୍ତି । 'କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ ଆନନ୍ଦ, ଶାନ୍ତି, ଧୈର୍ଯ୍ୟ ସହିଷ୍ଣୁତା ଓ ଉପକାରିତା ଭଦ୍ରତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମ ସଂଯମ ଏହି ସମସ୍ତ ବିରୁଦ୍ଧରେ କୌଣସି ବ୍ୟବସ୍ଥା ନାହିଁ ।' ଆତ୍ମାଙ୍କ ଫଳ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଉତ୍ପନ୍ନ କରିବା ଆବଶ୍ୟକ । ପ୍ରକୃତ ଖ୍ରୀଷ୍ଟିୟାନ ପ୍ରଚୁର ଫଳ ଫଳନ୍ତି । ଫଳ ଉତ୍ପନ୍ନ କରିବା ଏକ ସହଜକର କାର୍ଯ୍ୟନୁହେଁ, ଏହି କଠିନ କାର୍ଯ୍ୟ ଆମ୍ଭମାନଙ୍କୁ ଅନ୍ୟମାନଙ୍କ ଠାରୁ ପୃଥକ୍ କରେ । ଆମ୍ଭମାନଙ୍କ ରୀତି ନିୟମ, ପ୍ରାଚୀନ ପ୍ରଥା ଅନ୍ୟମାନଙ୍କ ଠାରୁ ପୃଥକ୍ ହେବାରେ ବାଧା ସୃଷ୍ଟି କରିଥାଏ । କିନ୍ତୁ ଆତ୍ମାଙ୍କ ଫଳ ଉତ୍ପନ୍ନ କରି ଆମ୍ଭେମାନେ ଈଶ୍ୱରଙ୍କ ସନ୍ତୋଷପାତ୍ର ହୋଇ ଥାଉଁ । ତାହାଙ୍କ ନିମନ୍ତେ ଫଳ ଉତ୍ପନ୍ନ କରିବା ଦ୍ୱାରା ଏହି ଜଗତକୁ ଆମ୍ଭମାନେ ଏକ ଶ୍ରେଷ୍ଠତର ନିବାସ ସ୍ଥାନ ରୂପେ ପରିଣତ କରି ପାରୁ, ତଥା ଖ୍ରୀଷ୍ଟଙ୍କ ପ୍ରକୃତ ଅନୁଚର ହେବାରେ ସଫଳ ହୋଇ ପାରୁ ।

ଆମ୍ଭେମାନେ ଆତ୍ମାଙ୍କ ଫଳ କିପରି ଉତ୍ପନ୍ନ କରି ପାରିବା ? ପ୍ରଥମେ, ପରିତ୍ରାଣ ରୂପ ଶିରସ୍ତ୍ରାଣ ପରିଧାନ କର ଓ ଆତ୍ମାଙ୍କ ଖଡ୍‌ଗ ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ ଧାରଣ କରେ । ( ଏଫିସୀ ୬ : ୧୭ )

ମାଧ୍ୟମରେ ଖ୍ରୀଷ୍ଟିୟାନମାନେ ଫଳ ଉତ୍ପନ୍ନ କରନ୍ତି । ପବିତ୍ର ଆତ୍ମା ପ୍ରେରିତ ଓ ଭବବାଦୀମାନଙ୍କ ଦ୍ୱାରା ଈଶ୍ୱରଙ୍କ ବାକ୍ୟ ପବିତ୍ର ବାଇ-ବେଲ ଲିଖିତ କରିଅଛନ୍ତି । ସେହି ବାକ୍ୟାନୁଯାୟୀ ଆମ୍ଭେମାନେ ଜୀବନଯାପନ କରି, ଆତ୍ମାଙ୍କ ଫଳପ୍ରଦ ଉତ୍ପନ୍ନ କରୁ ( ଗାଲାତୀ ୫ : ୨୫ ) । ଆଶ୍ଚର୍ଯ୍ୟ ବା ଅଦ୍ଭୁତ ଭାବରେ ପବିତ୍ର ଆତ୍ମା ଆମ୍ଭ-ମାନଙ୍କ ଠାରେ ନିବାସ କରନ୍ତି ନାହିଁ । ଉଚ୍ଚ ସ୍ୱରରେ ପାଟି କରିବା ଡେଇଁବା, ଲୁଦିବା ପ୍ରଭୃତି ପବିତ୍ର ଆତ୍ମାଙ୍କ ଫଳର ଲକ୍ଷଣ ନୁହେଁ ।

ଆତ୍ମାଙ୍କ ଫଳ ଉତ୍ପନ୍ନ କରିବାର ଅର୍ଥ ତାହାଙ୍କ ଲିଖିତ ବାକ୍ୟାନୁଯାୟୀ ଜୀବନ ଯାପନ କରିବା ପରମେଶ୍ୱରଙ୍କ ଲିଖିତ ବାକ୍ୟ ଦ୍ୱାରା ପରମେଶ୍ୱର ଆମ୍ଭମାନଙ୍କ ଅନ୍ତରରେ ବାସ କରନ୍ତି । ତେଣୁ କରି ପାଉଲ କହନ୍ତି ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କ ଠାରେ ବାସ କରୁ । ( କଲସୀ ୩ : ୧୬ ) ଯୀଶୁ କହିଲେ ! ଆତ୍ମା ଜୀବନ ଦାୟକ ମାଂସ କୌଣସି ଉପକାର କରେ ନାହିଁ, ମୁଁ ତୁମ୍ଭମାନଙ୍କୁ ଯେ ସମସ୍ତ ବାକ୍ୟ କହିଅଛି । ସେହିସବୁ ଆତ୍ମା ଓ ଜୀବନ ଅଟେ । ( ଯୋହନ ୬ : ୬୩ ) ତାହାଙ୍କ ବାକ୍ୟ ଆମ୍ଭମାନଙ୍କ ଠରେ କପରି ନିବାସ କରିବ ବାଇବଲରେ ଲିଖିତ ତାହାଂକ ବାକ୍ୟ ଦ୍ୱାରା ବାଇ-ବଲରେ ବାକ୍ୟ କାହା ଦ୍ୱାରା ଲିଖିତ ହୋଇ ଅଛି ? ପ୍ରେରିତ ଓ ଭବବାଦୀମାନେ ପବିତ୍ର ଆତ୍ମାଂକ ଦ୍ୱାରା ଲେଖିଥିଲେ । ଏହିସବୁ ପ୍ରଶ୍ନ ଗୁଡ଼ିକରୁ ଆମ୍ଭେମାନେ ବାଇବଲରେ ଲିଖିତ ବାକ୍ୟ ପାଳନ କରିବା ଦ୍ୱାରା ଆତ୍ମାଂକ ଦ୍ୱାରା ସୃଜିତ ଆତ୍ମା ଆମ୍ଭମାନଂକ ଠାରେ ନିବାସ କରନ୍ତି ? ଖ୍ରୀଷ୍ଟ ଆମ୍ଭମାନଂକ ଠାରେ ନିବାସ କରନ୍ତି ବୋଲି ଜାଣିପାରୁ ।

ଆସ ଆମ୍ଭେମାନେ ତାହାଙ୍କ ବାକ୍ୟ ଶିକ୍ଷା କରିବାରେ କୁଣ୍ଠାବୋଧ ନ କରୁ । ତାହାଙ୍କ ବାକ୍ୟ ଶିକ୍ଷା କରି ତଦନୁଯାୟୀ ଆଚରଣ କରୁ । ଆତ୍ମାଙ୍କ ଫଳ ବିରୁଦ୍ଧରେ କୌଣସି ବ୍ୟବସ୍ଥା ନାହିଁ କିନ୍ତୁ ଶରୀର ଆତ୍ମାର ବିରୁଦ୍ଧ । ତାହାଙ୍କ ବାକ୍ୟ ପାଳନକାରୀ ପ୍ରତ୍ୟେକ ଆତ୍ମାଙ୍କ ଫଳ ଉତ୍ପନ୍ନକାରୀ ଅଟନ୍ତି ।

**Edwin Crook Shank**

—୦—

## ଆମ୍ଭେମାନେ କି ଦଶଆଜ୍ଞା ପାଳନ କରିବା ଆବଶ୍ୟକ ?

**( Should we Follow the Ten Commandments Today ? )**

ଆଜିର ଖ୍ରୀଷ୍ଟଜଗତରେ ଆମ୍ଭେମାନେ ଦଶଆଜ୍ଞା ପାଳନ କରିବା ଆବଶ୍ୟକ ବୋଲି ଅନେକ ମନେ କରନ୍ତି ? ଏହି ବିଷୟରେ ବାଇବଲ କଅଣ କହେ ? ଇଶ୍ରାଏଲ ଗୋଷ୍ଠୀ ମିଶରର ଦାସତ୍ୱ ବନ୍ଧନରୁ ମୁକ୍ତ ହେବା ପରେ ଏହି ଦଶ ଆଜ୍ଞା ମୋଶାଙ୍କ ଦ୍ୱାରା ସଦାପ୍ରଭୁ, ସିନୟ ପର୍ବତ ଉପରେ ସେମାନଙ୍କୁ ଦେଇଥିଲେ । ମୋଶା ଇଶ୍ରାଏଲ ସନ୍ତାନମାନଙ୍କୁ କହିଲେ, ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱର ହୋରେବରେ ଆମ୍ଭମାନଙ୍କ ସହିତ ଗୋଟିଏ ନିୟମ କଲେ । ସଦାପ୍ରଭୁ ଆମ୍ଭମାନଙ୍କ ପିତୃପୁରୁଷମାନଙ୍କ ସହିତ ସେହି ନିୟମ କଲେ ନାହିଁ, ମାତ୍ର ଆଜି ଏହି ସ୍ଥାନରେ ଜୀବିତ ଅଛୁ ଯେ ଆମ୍ଭେମାନେ ଆମ୍ଭ ସମସ୍ତଙ୍କ ସହିତ ତାହା କଲେ । (ଦ୍ୱି : ବି ୫ : ୨,୩ ) ଇଶ୍ରାଏଲର ପିତୃପୁରୁଷମାନଙ୍କ ଦତ୍ତ ହୋଇ ନଥିବା ଏହା ଏକ ନୂତନ ଆଜ୍ଞା ଥିଲା । ଏହା କେବଳ ଇଶ୍ରାଏଲ ଗୋଷ୍ଠୀ ନିମନ୍ତେ ଦତ୍ତ ହୋଇଥିଲା ।

ସିନୟ ପର୍ବତରେ ଦଶଆଜ୍ଞା ଦତ୍ତ ହେବାର ପୂର୍ବେ ବିଶ୍ରାମବାର ( ଅର୍ଥାତ୍ ସପ୍ତାହର ସପ୍ତମ ଦିନ ) ପବିତ୍ର ରୂପେ ପାଳନ କରିବା ଆବଶ୍ୟକ ନଥିଲା, କାରଣ ସେ ଆଜ୍ଞା ସେତେବେଳ ପର୍ଯ୍ୟନ୍ତ ଦତ୍ତ ହୋଇ ନଥିଲା । କିଅବା ଅଣ ଯିହୁଦୀମାନଙ୍କ ଏହି ଆଜ୍ଞା ପାଳନ କରିବା ଆବଶ୍ୟକ ନଥିଲା, କାରଣ ସେହି ଆଜ୍ଞା ସେମାନଙ୍କ ନିମନ୍ତେ ଦତ୍ତ ହୋଇ ନଥିଲା । ଯିହୁଦୀ ଧର୍ମାବଲମ୍ବୀ ବିଜାତିୟମାନେ ଅବଶ୍ୟ ଏହି ଆଜ୍ଞାଧୀନ ଥିଲେ । ପୁରାତନ ନିୟମର ଲୋପ ପାଇବା ପରେମଧ୍ୟ ଏହି ଆଜ୍ଞା ବିଜାତିୟମାନେ ପାଳନ କରିବା ଆବଶ୍ୟକ ନଥିଲା ।

ସିନାୟ ପର୍ବତରେ ଦତ୍ତ ଏହି ବ୍ୟବସ୍ଥାଧୀନ ଯିରମିୟ ଭବିଷ୍ୟଦ୍ ବକ୍ତା କହିଲେ, 'ସଦାପ୍ରଭୁ କହନ୍ତି ଦେଖ ଯେଉଁ ସମୟରେ ଆମ୍ଭେ ଇଶ୍ରାଏଲ ବଂଶ ଓ ଯିହୂଦା ବଂଶ ସହିତ ଏକ ନୂତନ ନିୟମ ସ୍ଥାପନ କରିବା । ଏପରି ସମୟ ଆସୁଅଛି । ମିସର ଦେଶରୁ ସେମାନଙ୍କର ପିତୃପୁରୁଷଙ୍କୁ ବାହାର କରି ଆଣିବା ନିମନ୍ତେ ଆମ୍ଭେ ସେମାନଙ୍କର ହସ୍ତ ଧରିବା ଦିନ ସେମାନଙ୍କ ସହିତ ଆମ୍ଭର ହସ୍ତକୃତ ନିୟମାନୁସାରେ ନୁହେଁ ( ଯିରମିୟ ୩୧ : ୩୧, ୩୨ ) ନୂତନ ବ୍ୟବସ୍ଥା ପୁରାତନ ବ୍ୟବସ୍ଥା ଠାରୁ ଭିନ୍ନ ହେବ । ସିନାୟ ପର୍ବତରେ ଏହି ବ୍ୟବସ୍ଥା ଦତ୍ତ ହେବାର ୯୦୦ ବର୍ଷ ପରେ ଏବଂ ଖ୍ରୀଷ୍ଟଙ୍କ ଦତ୍ତ ନୂତନ ବ୍ୟବସ୍ଥାର ୬୦୦ ବର୍ଷ ପୂର୍ବେ ଯିରମିୟ ଭବିଷ୍ୟଦ୍ ବକ୍ତା ଏହି ଭବିଷ୍ୟଦ୍‌ବାଣୀ ପ୍ରଚାର କରିଥିଲେ । ଏବ୍ରୀ ପୁସ୍ତକର ପୁସ୍ତକକର୍ତ୍ତା ଏହି ପ୍ରବଚନ ବାକ୍ୟ ଯୀଶୁଖ୍ରୀଷ୍ଟଙ୍କୁ ବର୍ତ୍ତାଏ ବୋଲି ଆପଣା ଲେଖାର ଅଷ୍ଟମ ଅଧ୍ୟାୟର ୬-୧୩ ପଦଗୁଡ଼ିକରେ ପ୍ରମାଣିତ କରନ୍ତି, 'କିନ୍ତୁ ଏବେ ସେ ଯେଉଁ ପରିମାଣରେ ଉତ୍କୃଷ୍ଟତର ପ୍ରତିଜ୍ଞାପୁଞ୍ଜ ଉପରେ ସ୍ଥାପିତ ଶ୍ରେଷ୍ଠତର ନିୟମର ମଧ୍ୟସ୍ଥ ହୋଇ ଅଛନ୍ତି । ସେହି ପରିମାଣରେ ମଧ୍ୟ ଉତ୍କୃଷ୍ଟତର ସେବକ ପଦ ପାଇ ଅଛନ୍ତି । କାରଣ ପ୍ରଥମ ନିୟମ ଯଦି ଦୋଷ ରହିତ ହୋଇ ଥାଆନ୍ତା, ତେବେ ୨ୟ ନିୟମର କଥା ଉଠି ନ ଥାଆନ୍ତା ।' ( ଏବ୍ରୀ ୮ : ୬-୧୩ ) ଏହି ପଦଗୁଡ଼ିକରେ ସେ ଯିରମିୟଙ୍କ ଭାବବାଣୀ ଉଲ୍ଲେଖ କରନ୍ତି ।

ଯିରମିୟ ୩୧ : ୩୧-୩୪ ପଦଗୁଡ଼ିକରେ ପୁରାତନ ନିୟମ ଓ ନୂତନ ନିୟମର କେତୋଟି ପାର୍ଥକ୍ୟ ସଦାପ୍ରଭୁ ଉଲ୍ଲେଖିତ କରନ୍ତି ପୁରାତନ ନିୟମ ପ୍ରସ୍ତର ଫଳକ ଉପରେ ଲିଖିତ ହୋଇଥିଲା, କିନ୍ତୁ ନୂତନ ନିୟମ ବିଶ୍ୱାସୀର ମାଂସମୟ ହୃଦୟରେ ଲିଖିତ ହୁଏ । ପୁରାତନ ନିୟମରୁ ନୁହେଁ କିନ୍ତୁ ନୂତନ ନିୟମରୁ ମନୁଷ୍ୟ ସମ୍ପୂର୍ଣ୍ଣ ସିଦ୍ଧି ଲାଭ କରିପାରେ । ଦଶଆଜ୍ଞା ପୁରାତନ ନିୟମରୁ ଅନ୍ତର୍ଭୁକ୍ତ ଏବଂ ଯୀଶୁଖ୍ରୀଷ୍ଟଙ୍କ ୨୦୦୦ ବର୍ଷ ପୂର୍ବେ ମରଣ, ପୁନରୁତ୍ଥାନ ପରେ ଏଓ

ପୁରାତନ ନିୟମ ଲୁପ୍ତ ପାଇଅଛି । ( କଲସୀ ୨ : ୧୪ ) ଖ୍ରୀଷ୍ଟ ଏବଂ ଆମ୍ଭମାନଙ୍କୁ ଏବେ ନୂତନ ନିୟମ ଦାନ କରିଅଛନ୍ତି ଯାହା ଉତ୍କୃଷ୍ଟତର ପ୍ରତିଜ୍ଞାଗୁଡ଼ିକ ଉପରେ ସ୍ଥାପିତ ହୋଇଅଛି । ( ଏବ୍ରୀ ୮ : ୬ ) ।

ତେବେ ପୁରାତନ ନିୟମର କଅଣ ହେଲା ? ଏହାର ଉତ୍ତର ଆମ୍ଭମାନେ ନୂତନ ନିୟମରେ ପାଇ ପାରୁ । ସେ ନୂତନ ନିୟମ ବୋଲି କହିବା ଦ୍ୱାରା ପ୍ରଥମକୁ ପୁରାତନ କରିଅଛନ୍ତି, ଆଉ ଯାହା ପୁରାତନ ଓ ଜୀର୍ଣ୍ଣ ହୋଇ ଯାଉଅଛି, ତାହା ଅନ୍ତର୍ହିତ ହେବାର ସମୟ ସନ୍ନିକଟ । ( ଏବ୍ରୀ ୮ : ୧୩ ) । ଏଥିରେ ଏକ ପକ୍ଷରେ ପୂର୍ବବର୍ତ୍ତୀ ଆଜ୍ଞା ଦୁର୍ବଳ ଓ ନିଷ୍ଫଳ ହେବାରୁ ତାହାର ଲୋପ ହୋଇଅଛି । କାରଣ ବ୍ୟବସ୍ଥା କୌଣସି ବିଷୟ ସିଦ୍ଧ କରି ନଥିଲା, ଅନ୍ୟପକ୍ଷରେ ଶ୍ରେଷ୍ଠତର ଭରସା ପ୍ରବେଶ କରିଅଛି, ତଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ନିକଟବର୍ତ୍ତୀ ହେଉ । ( ଏବ୍ରୀ ୧୦ : ୯ ) କାରଣ ଯାଜକତ୍ୱ ଯଦି ପରିବର୍ତ୍ତିତ ହୁଏ, ତେବେ ବ୍ୟବସ୍ଥାର ମଧ୍ୟ ଅବଶ୍ୟ ପରିବର୍ତ୍ତନ ଅଟେ । ( ଏବ୍ରୀ ୭ : ୧୨ ) ପୁଣି ବିଧିବିଧାନରେ ଆମ୍ଭମାନଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗପତ୍ର ଥିଲା, ତାହା ସେ ଲୋପ କରି କ୍ରୁଶରେ ଟାଙ୍ଗାଇ ଦେଇ ଆମ୍ଭମାନଙ୍କ ପଥରୁ ଦୂର କରିଦେଇ ଅଛନ୍ତି । ( କଲସୀ ୨ : ୧୪ ) ପୁରାତନ ନିୟମ ବିଷୟରେ ପାଉଲ ଗାଲାତୀ ମଣ୍ଡଳୀକୁ ଲେଖନ୍ତି, ଏହି ପ୍ରକାରେ ବିଶ୍ୱାସ ହେତୁ ଆମ୍ଭମାନଙ୍କର ଧାର୍ମିକ ଗଣିତ ହେବା ନିମନ୍ତେ ଖ୍ରୀଷ୍ଟଙ୍କ ଆଗମନ ପର୍ଯ୍ୟନ୍ତ ବ୍ୟବସ୍ଥା ଆମ୍ଭମାନଙ୍କର ଶିକ୍ଷକ ସ୍ୱରୂପ ହୋଇଥିଲା । କିନ୍ତୁ ଏବେ ସେହି ବିଶ୍ୱାସ ଉପସ୍ଥିତ ହେଲା ପରେ ଆମ୍ଭେମାନେ ଆଉ ଶିକ୍ଷକର ଅଧୀନରେ ନାହୁଁ । ( ଗାଲାତୀ ୩ : ୨୪, ୨୫ ) ।

ପୁରାତନ ନିୟମ କେବେ ଲୁପ୍ତ ହେଲା ଓ ନୂତନ ନିୟମ କେବେ ଆରମ୍ଭ ହେଲା ? ଯୀଶୁଖ୍ରୀଷ୍ଟଙ୍କ ମରଣରେ କାରଣ ବାକ୍ୟ କହେ, 'ଆଉ ଏହି କାରଣରୁ ସେ ନୂତନ ନିୟମର ମଧ୍ୟସ୍ଥ ହୋଇ

ଅଛନ୍ତି, ଯେପରି ପ୍ରଥମ ନିୟମକାଳୀନ ଅପରାଧ ମାର୍ଜନାର୍ଥେ ମୃତ୍ୟୁଭୋଗ କରାଯାଇଥିବାରୁ ଆହୂତ ଲୋକମାନେ ଅନନ୍ତ ଅଧିକାର ସମ୍ବନ୍ଧୀୟ ପ୍ରତିଜ୍ଞାର ଫଳପ୍ରାପ୍ତ ହୁଅନ୍ତି । କାରଣ ଉଇଲ୍ କରାଯାଇଥିଲେ ଉଇଲ କରିଥିବା ବ୍ୟକ୍ତିଙ୍କ ମୃତ୍ୟୁର ପ୍ରମାଣ ଆବଶ୍ୟକ । ଯେଣୁ ମୃତ୍ୟୁ ଘଟିଲେ ଉଇଲ୍ ବଳବତ୍ ହୁଏ, କାରଣ ଉଇଲ୍ କରିଥିବା ଲୋକ ଜୀବିତଥିବା ପର୍ଯ୍ୟନ୍ତ ତାହା କଦାପି କାର୍ଯ୍ୟକାରୀ ହୁଏନାହିଁ । ( ଏବ୍ରୀ ୯ : ୧୫-୧୭ ) ।

ସିନୟ ପର୍ବତ ଉପରେ ଇସ୍ରାଏଲ ସନ୍ତାନମାନଙ୍କୁ କାହିଁକି ଦିଆଯାଇଥିଲା ? ଏହାର ଉତ୍ତରରେ ପାଉଲ କହନ୍ତି, 'ତେବେ ବ୍ୟବସ୍ଥା କାହିଁକି ଦତ୍ତ ହେଲା ? ଯେଉଁ ସନ୍ତାନଙ୍କୁ ଲକ୍ଷ୍ୟ କରି ପ୍ରତିଜ୍ଞା କରାଯାଇଥିଲା, ତାହାଙ୍କ ନ ଆସିବା ପର୍ଯ୍ୟନ୍ତ ତାହା ଆଜ୍ଞା ଲଂଘନ ହେତୁ ଯୋଗ କରାଗଲା, ପୁଣି ତାହା ଦୂତମାନଙ୍କ ଦ୍ୱାରା ଜଣେ ମଧ୍ୟସ୍ଥଙ୍କ ହସ୍ତରେ ସ୍ଥାପିତ ହୋଇଥିଲା । ( ଗାଲାତୀ ୩ : ୧୯ ) ସେହି ପ୍ରତିଜ୍ଞାତ ସନ୍ତାନ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ଅଟନ୍ତି । ତାହାଙ୍କ ଆଗମନ ପର୍ଯ୍ୟନ୍ତ ପୁରାତନ ବ୍ୟବସ୍ଥା ଯେଉଁଥିରେ ଦଶଆଜ୍ଞା ଅନ୍ତର୍ଭୁକ୍ତ ଇସ୍ରାଏଲକୁ ଆବୃତ କଲା ଖ୍ରୀଷ୍ଟ ଏହି ଜଗତରେ ଜନ୍ମ ଗ୍ରହଣ କରି ସେହି ବ୍ୟବସ୍ଥା ସଫଳ କରିଅଛନ୍ତି । ପୁରାତନ ବ୍ୟବସ୍ଥା ବଦଳେ ଖ୍ରୀଷ୍ଟ ନୂତନ ନିୟମ ଦାନ କରିଅଛନ୍ତି । ଆସ ଏହି ନୂତନ ନିୟମ ପାଳନ କରି ତାହାଙ୍କ ଇଚ୍ଛାନୁଯାୟୀ ତାହାଙ୍କ ସେବା ଓ ଉପାସନା କରୁ ।

—Garland Robin Son

—o—

## "EXAMINE YOURSELVES"

## 2 Cor. 13 :5

INTRODUCTION :

1. People are examined in order to find out if they ared physically able to go to the Army or to handle a task that has been set before them.
2. The term "examine" means to try, to prove, to investigate, to look into.
3. Many times, as a result of an examination, certain individuals are helped considerably.
4. When it comes to spiritual matters each of us need to examine ourselves.
5. In order that your may more fully examine yourselves then consider these questions that follow.

DISCUSSION :

**A. Have You Obeyed The Gospel Of Christ ? (Mk. 16:15, 16).**

1. If you have then you are saved.
2. If you have not then you need to do so immediately.

**B. Have You Been Added To The Lord's Church ? (Acts 2:47).**

1. If you have then you are a member of the body of Christ.
2. If you have not then you are still lost.
3. An individual must obey God to become a member of his Church.

**C. Are You A Christian ? (1Pet. 4:16).**

1. If you are then you have the spirit of Christ.
2. If you are not then you are not of God.
3. One must wear the name of Christ to be saved.

**D. Do You Study Daily ? (2Tim. 2:15).**

1. If you do then you are growing strong.
2. If you do not then you ared still a babe in Christ.

**E. Do You Pray Daily ? (1Thess. 5:17).**

1. If you do then you are surely blessed of God.
2. If you do not then you are neglecting a great opportunity.
3. It takes prayer to make a faithful Christian.

**F. Do You Love Your Neighbor ? (Matt. 22:39).**

1. If you do then you are helping him.
2. If you do not then you do not love God.
3. The Bible tells us that we must love all.

**G. Are You Continually Working For The Lord ? ( 1Cor.**

1. If you are then you are working out your salvation.
2. If you are not then you are spiritually dead.
3. By works is faith made perfect.

**H. Are You Faithful To The Lord ? (Rev. 2:10).**

1. If you do then you will receive a crown of life.
2. If you are not then you will be cast out.
3. Much depends on faithfulness when it comes to the Chris

CONCLUSION :

1. Now in light of these things then you should know pre just where you stand.
2. If you lack in one or more of these things then take c immediately.
3. Yes, examine yourselves to see if you are still in the

- J. C. C

---

P.O. Box 80
KAKINADA - 533 001

Printed Book only

To

(FOR PRIVATE CIRCULATION ONLY)